# Akashvani, Sambalpur

## SAMBALPURI NEWS BULLETIN

### 30 April 2025- 6.47- 6.52 am.

**********************************************

ଅକ୍ଷୟ- ତୃତୀୟା ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ପବିତ୍ର ଅଖି ତୃତୀୟା । ଚାଷୀମାନେ ଖରିଫ୍ ଚାଷ୍ ଲାଗି ନିଜର୍ ନିଜର୍ ଜମିନ୍‌ଥି ଅଖିମୁଠି ଛୁଇଁଛନ୍ । ଇ ଅବ୍‌ସରେ ଶ୍ରୀକ୍ଷେତ୍ର ପୁରୀ ନ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର୍ ରଥ୍‌ଯାତ୍ରାର୍ ଲାଗି ରଥ ତିଆରି କାମ୍ ଭିଲ୍ ମୁଲ୍ ହେବା ।

ପୁରୀ ନ ୨୧ ଦିନିଆ ବାହାର ଚନ୍ଦନଯାତ୍ରା ଭିଲ୍ ଆଏଜ୍ ଠାନୁ ମୁଲ୍ ହେବା । ଅକ୍ଷୟତୃତୀୟା ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସବୁ ପ୍ରକାର୍ ପ୍ରସ୍ତୁତି ଶେଷ୍ ଖେପେ ପୁହୁଁଚିଛେ ।

ସେନ୍ତା ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାର ଥାଲ୍ ଉଠା ପରବ ଆଏଜ୍ ହେବା । ଇଥିର୍‌ଲାଗି ମହାଦେବ୍ ଗୁଡ଼ିମାନ୍‌କେ ଜୋର୍‌ଦାର୍ ତୟାରି ଚାଲିଛେ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇ ଅବସ୍‌ରେ ରାଏଜ୍‌ର ଚାଷୀ ଭାଏ ବହେନ୍ ମାନ୍‌କୁ ଶୁଭେଚ୍ଛା ଜନେଇଛନ୍ । ଇ ବଛର୍ ଅଖିମୁଠି ଅନୁକୂଳ ଶୁଭ୍ ଆଉ ଚାଷୀମାନ୍‌କର୍ ଲାଗି ସୁଖ ସମୃଦ୍ଧିର ବଛର୍ ହେଉ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ସିଏମ୍ କିଷାନ ସାହାଯ୍ I&PR

ଅକ୍ଷୟ ତୃତୀୟା ଆଉ ରାଜ୍ୟସ୍ତରୀୟ କୃଷକ ଦିବସ ସମାରୋହ ଆଏଜ୍ ସଖାଲ ବେଲା ଭୁବନେଶ୍ୱର ବରମୁଣ୍ଡା OUAT ଶୈକ୍ଷିକ କୃଷି ଫାର୍ମ ଠାନେ ହେବା । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଖିମୁଠି ଅନୁକୂଳ କର୍‌ବାର୍ ସହେତେ ଚାଷୀମାନ୍‌କୁ ହଜାରେ କୋଟିନୁ ଅଏତ୍‌କା ସିଏମ୍ କିଷାନ୍ ସାହାଯ୍ ଟଁକା ବାଁଟ୍‌ବେ । ଯୋଜନାଥି ରାଏଜ୍‌ର ୫୦ ଲାଖ୍‌ନୁ ଅଏତ୍‌କା କ୍ଷୁଦ୍ର, ନାମମାତ୍ର ଚାଷୀ ଆଉ ଭୂମିହୀନ କୃଷକ ପରିବାର ଲାଭ୍ ପାଏବେ ବଲି କୃଷି ଆଉ କୃଷକ ସଶକ୍ତୀକରଣ ବିଭାଗ ତର୍‌ଫୁ ସୂଚନା ଦିଆଯାଇଛେ ।

ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଆରଏନ୍‌ୟୁ/ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତି ଭୂଷଣ ରାମକୃଷ୍ଣ ଗବାଇଙ୍କୁ ଦେଶର୍ ୫୨ତମ ପ୍ରଧାନ ବିଚାରପତି ଭାବେ ନିଯୁକ୍ତି ଦେଇଛନ୍ । ଆଏବା ମାସର୍ ୧୪ ତାରିଖ ଦିନ ଜଷ୍ଟିସ୍ ଗବାଇ ଶପଥ ଗ୍ରହଣ କର୍‌ବେ । ଇହାଦେର ପ୍ରଧାନ ବିଚାରପତିଙ୍କର କାର୍ଯ୍ୟକାଲ ଆଏବା ମାସର୍ ୧୩ ତାରିଖ ଶେଷ ହେବା । ତାଙ୍କର ଜାଗାଥି ଜଷ୍ଟିସ୍ ଗବାଇଙ୍କୁ ନିଯୁକ୍ତି ଦିଆଯାଇଛେ ।

୪ ଧାମ୍ ଯାତ୍ରା                                          ଏନ୍‌ଏସ୍‌ଡି

ପବିତ୍ର ଅକ୍ଷୀତୃତୀୟା ଅବ୍‌ସରେ ଆଏଜ୍ ଠାନୁ ଉତରାଖଣ୍ଡର ୪ ଧାମ୍ ଯାତ୍ରା ମୁଲ୍ ହେବା । ଆଏବା ୨ ତାରିଖ୍ ଶ୍ରଦ୍ଧାଲୁମାନେ କେଦାର୍‌ନାଥ୍ ଧାମ୍‌କେ ଦର୍ଶନ୍ ଲାଗି ଯାଇପାର୍‌ବେ ।   ଶ୍ରଦ୍ଧାଲୁମାନେ ଇ ୪ ଧାମ୍ ଗସ୍ତ ଅବ୍‌ସରେ ଜମୁନେତ୍ରୀ, ଗଙ୍ଗୋତ୍ରୀ, କେଦାର୍‌ନାଥ୍ ଆର୍ ବଦ୍ରିନାଥ୍‌କେ ଯାଇକରି ଦର୍ଶନ୍ କରିପାର୍‌ବେ । ଇ ଯାତ୍‌ରାର ଶୁଭାରମ୍ଭ କାର୍ଯ୍ୟକ୍ରମକେ ଆକାଶବାଣୀ ତର୍‌ଫୁଁ ସିଧାପ୍ରସାରଣ କରାଯିବାର୍ ବ୍ୟବସ୍ଥା କରାଯାଉଛେ ।

ମୁଖ୍ୟମନ୍ତ୍ରୀ ମେଡ଼ିକାଲ କଲେଜ ସମୀକ୍ଷା                              I&PR

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଲାକାଏଲ୍ ଭୁବନେଶ୍ୱର ଲୋକ ସେବା ଭବନ୍‌ଠାନେ ରାଜ୍ୟର୍ ସରକାରୀ ମେଡିକାଲ କଲେଜ୍ ଆଉ ହସ୍ପିଟାଲ୍ ମାନଙ୍କର ପୁନଃବିକାଶ କାମ୍‌ର ସମୀକ୍ଷା କରିଛନ୍ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ, ୪ ହଜାର ୪ ଶହ ୭୪ କୋଟିନୁ ଅଏତ୍‌କା ଟଙ୍କାର ଖର୍ଚ୍ଚାଥି କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ବିକାଶ କାମ୍ ଚାଲିଛେ । ପହେଲା ଖେପ୍ କାମ୍ ସର୍‌ଲା ଉତ୍‌ରୁ ଡାକ୍ତରଖାନାର୍ ଶଯ୍ୟା ସଂଖ୍ୟା ୩ ହଜାର ୭ ଶହ ୯୬ ବଢ଼୍‌ବା ଆଉ ଏମ୍‌ସ ପ୍ଲସ୍ ପ୍ଲସ୍ ମାଏନ୍‌ତା

ପାଏବା । ସେଣ୍ଟା ବୁର୍ଲା ଭିମ୍ସାରକେ ୧ ହଜାର ୫ ଶହ ୯୪ କୋଟି ଟଙ୍କା ବିକାଶ କରାଯାଇକରି ବେଡ୍ ସଂଖ୍ୟା ୨ ହଜାର ୮ଶହ ୬୧କେ ବଢ଼ାଯିବା । ରାଉରକେଲା ସରକାରୀ ଡାକ୍ତରଖାନାର ବିକାଶ ଲାଗି ୬ ଶହ ୨୬ କୋଟିନୁ ଅଏତ୍କା ଟଙ୍କା ଖର୍ଚ୍ଚା କରାଯିବା ବଲି ବୈଠକ୍ନ ଜନାପଡ଼ିଛେ ।

ବାତ୍ୟା ପୂର୍ବ ପ୍ରସ୍ତୁତି I&PR

ଭୁବନେଶ୍ୱର ଲୋକ ସେବା ଭବନ୍ଠାନେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାଥି ବାତ୍ୟା ପୂର୍ବର୍ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍ଥି ଫନି ବାତ୍ୟାର୍ ଅଭିଜ୍ଞତା ଆଧାର୍ଥି ଖରାଦିନିଆ ବାତ୍ୟା ଲାଗି ତୟାର୍ ରହେବାର୍କେ ସବୁ ବିଭାଗମାନ୍କୁ ପରାମର୍ଶ ଦିଆଯାଇଛେ । ଇହାଦେ ରାଏଜେ ବାତ୍ୟାର୍ କିଛି ସୂଚ୍ନା ନାଇଥିଲେ ଭିଲ୍ ଖରାଦିନେ କେହେନ୍ସି ଭିଲ୍ ପ୍ରାକୃତିକ୍ ଦୁର୍ବିପାକ୍ ଲାଗି ତୟାର୍ ରହେବାର୍, ତୁର୍ତି ସେବା ଯୁଗାବାର୍, ଦର୍କାରୀ ଯନ୍ତ୍ରପାତି ମହଜୁଦ୍ ରଖିବାର ଲାଗି ଭିନ୍ ଭିନ୍ ବିଭାଗ୍କେ ମୁଖ୍ୟ ଶାସନ୍ ସଚିବ ନିର୍ଦ୍ଦେଶ ଦେଇଛନ୍ ।

ଶ୍ରମିକ ମଜୁରୀ ବୃଦ୍ଧି I&PR

ରାଜ୍ୟ ସରକାର ଶ୍ରମିକ ମାନ୍‌କର୍ ସର୍ବନିମ୍ନ ଦୈନିକ ମଜୁରୀ ୧୦ ଟଁକା ବଢ଼େଇଛନ୍ । ଇ ବାବଦ୍ ଗୁଟେ ପ୍ରସ୍ତାବକେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଛନ୍ । ଇ ବଢ଼୍‌ତି ମଜୁରୀ ପିଛ୍‌ଲା ଭାବେଁ ଇ ବଛର୍ ଏପ୍ରିଲ୍ ୧ ତାରିଖ୍‌ନୁ ଲାଗୁ ହେବା ।

ଶୀତଲ ଭଣ୍ଡାର୍ ଆରଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସରକାର ଚାଷୀମାନ୍‌କର୍ ସୁବିଧା ଲାଗି "ଶୀତଲ ଭଣ୍ଡାର୍ ଲାଗି ଆର୍ଥିକ ସହାୟତା" ଯୋଜନାଥି ୫୮ଟା ଉପଖଣ୍ଡ ନ ଗୁଟେ ଲେଖା ଶୀତଲଭଣ୍ଡାର ତିଆର୍ ଲାଗି ପଦକ୍ଷେପ ନେଉଛନ୍ ବଲି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କହିଛନ୍ । ଚାଷୀମାନେ ଇତାର୍ ଜରିଏ ନିଜର୍ ଫସଲ୍‌କେ ସଂରକ୍ଷିତ ରଖ୍‌ବାର୍ ସହେତେ ଆଏବା ଦିନ୍‌ମାନ୍‌କେ ବଜାର୍‌ନ ବିକି କରି ଉଚିତ୍ ଦର୍ ପାଇ ପାର୍‌ବେ । ଇ ଯୋଜନା ସୁପରିଚାଳନା ଲାଗି ୫ ବଛର୍ ଲାଗି ବଜେଟ୍‌ଥି ୨୫୨ କୋଟି ଟଁକାର୍ ବ୍ୟୟ ବରାଦ୍ କରାଯାଇଛେ ।

ଜୟଦେବ ଜୟନ୍ତୀ I&PR

ଗୀତଗୋବିନ୍ଦର ପ୍ରଣେତା ଶ୍ରୀ ଜୟଦେବଙ୍କର ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଆଏଜ୍ ଭୁବନେଶ୍ୱର ଜୟଦେବ ଭବନ୍ ଠାନେ ହେବା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଖାଲ ବେଲା ଇ କାର୍ଯ୍ୟକ୍ରମ୍‌ଥି ଯୋଗ ଦେଇ କରି ଜୟଦେବଙ୍କର ପ୍ରତିମୂର୍ତ୍ତିଥି ମାଲ୍ୟାର୍ପଣ କର୍‌ବାର୍ ସହେତେ ୧୧ ବଜେ ଗୁଟେ ସାଧାରଣ ସଭାଥି ଯୋଗ ଦେବେ ।

ନ୍ୟୁଜ୍ ହେଡ୍‌ଲାଇନ୍ସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆକାଶ୍‌ବାଣୀ ସମ୍ବଲ୍‌ପୁର୍, ଆଂଚଲିକ୍ ସମ୍ବାଦ ବିଭାଗ୍ ତର୍‌ଫୁ ଆଏଜ୍ ଉପର୍‌ବେଲା ୪ ବଜେନୁ ରାତିର୍ ୧୧ ବଜେତକ୍ ଫି’ ଘଂଟାଥି ଖବର୍ ଶୀର୍ଷକ୍ ନ୍ୟୁଜ୍ ହେଡ୍‌ଲାଇନ୍ସ ପ୍ରସାରଣ୍ କରାଯିବା । ଶ୍ରୋତାମାନେ ୧୦୧ ଏଫ୍.ଏମ୍. ମହାନଦୀ ଆର୍ ୯୪୫ କିଲୋହର୍ଜ ଜରିଏ ଇ ମୁଖିଆ ସମ୍ବାଦ ଶୁନିପାର୍‌ବେ ।

ପାଣିପାଗ                         ଆରଏନ୍‌ୟୁ/ସମ୍ବଲପୁର

ଭୁବନେଶ୍ୱର ଆଂଚଲିକ୍ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନ୍‌ସାରେ ଆଏଜ୍ ରାଜ୍ୟର୍ ବଡ଼ଭାଗି ଜାଗାନ ଧୁକା ଗର୍‌ଡି ସାଁଗେ ହାଲ୍‌କାନୁ ମଧ୍ୟମ ବର୍ଷା ହେଇପାରେ । କିଛି ଜାଗାନ ୪୦ ନୁ ୫୦ କିଲୋମିଟର ବେଗେ ପବନ୍ ବୁହିବା । କାଲ ବୈଶାଖୀ ବର୍ଷାର୍ ବଲେ ରାଜ୍ୟର ସବୁ ଜାଗାନ ଖରା ଗରମ୍‌ନୁ ସାମାଏନ୍ ନିସ୍ତାର ମିଲିଛେ । ଆଏବା ତିନ୍ ଦିନ୍ ତକ୍ ପାଗ୍ ଏନ୍‌ତା ଲାଗି ରହେବା ବଲି ପାଣିପାଗ୍ କେନ୍ଦ୍ର ଅନୁମାନ କରିଛେ ।